Click Here & Upgrade
Expanded Features
Unlimited Pages
PDF Complete
Documents

ଙ୍କ ଜନ୍ମ
ବ ଅମ୍ବିକାର ସୁତ
ଗାନ୍ଧାରୀ ଧୃତରାଷ୍ଟ ବ୍ୟାସଙ୍କୁ ଅନେକ ଭଗତ । ୧ ।
ପୁତ୍ରଦାନ ଅର୍ଥେ ପ୍ରାର୍ଥନା କରନ୍ତି ନୃପତି
ଶୁଣି ବିଚାର କରନ୍ତି ପଣ୍ଡିତ ଭିଗଂ୍ୟ ଯତି । ୨ ।
ଧ୍ୟାୟେ କରି ଜାଣିଲେ ସେ ପଣ୍ଡିତ ବ୍ରହ୍ମବେତ୍ତା
ଧୃତରାଷ୍ଟ ବୀର୍ଯ୍ୟେ ପୁତ୍ର ନାହିଂ ବିଚାରନ୍ତି ମହାଗ୍ୟାଂତା । ୩ ।
ଶୁଣ ହୋ ମହାରାଜା ବଦୟନ୍ତି ମହାଯତି
ଗାନ୍ଧାରୀର  ଗର୍ଭେ ତୋର ନାହିଂ ପୁତ୍ର ଯେ ସନ୍ତତି । ୪ ।
ଲାଗିଲା ମହାଭୟେ ବ୍ୟାସଙ୍କର ବଚନେ
ବଂଶକୁ କାରଣ ମୋତେ କରିବା ମହାମୁନ୍ୟେ । ୫ ।
ବ୍ୟାସେ ପ୍ରତିବାକ୍ୟ ଶୁଣସି ହୋ ବାବା
ସନ୍ତାନ ନିମନ୍ତେ ମହାଯଗଂ୍ୟ କରାଇବା । ୬ ।
ଧୃତରାଷ୍ଟ ବୋଇଲେ ମୁଂ ନ ଜାଣଇ ଯଗଂ୍ୟ ତଥ୍ୟ
ତୋହୋର ଆଗ୍ୟାଂ ପ୍ରମାଣେ ମୁଂ ଦେବଇ ସମସ୍ତ । ୭ ।
ବିଛାମାସ ଶୁକଳ ଚଉଠୀ ଯେ ତିଥି ଗୁରୁବାର
ଶ୍ରବଣା ନକ୍ଷତ୍ର ଯେ ଅଟଇ ସେ ଦିନର । ୮ । horoscope
ବାଣିଜ୍ୟେ ନାମେ କରଣ ଶୂଳ ନାମେ ଯୋଗ
ବିଛା ସଙ୍କରାନ୍ତିକି ଚଉଦିନ ଭୋଗ । ୯ । horoscope
ୟେସନେକେ ଅନକୂଳ କରନ୍ତି ବ୍ରହ୍ମଯତି
ଯମୁନା ନଦୀକୂଳେ ଯଗଂ୍ୟ ଆରୋପନ୍ତି । ୧୦ ।
-----------
୪ ।୨    ଗାନ୍ଧାରୀର କ୍ଷେତ୍ରେ ନାହିଂ ଆବର ପୁତ୍ର ଯେ ପ୍ରାପତି ।

ହଳ ଘେନି ଭୂମି ଚିରିଲେ ଶୁଭଯୋଗେ   ଆରୋପନ୍ତି
ମାଘିତିଳ ବୁଣନ୍ତି ଜଳ ଉଦେ ପାଗେ । ୧୧ ।
ମହାରସ ପାଇଣ ସେ ପବିତ୍ର ତିଳ ଉଠି
ମକର ମାସ ମଧ୍ୟରେ ତିଳ ପଡଇ ସେ ଫୁଟି । ୧୨ ।       agriculture କୃଷି
ଯଗଂ୍ୟଶାଳ ତୋଳିଲେ ଶୁଭ ଅନକୂଳେ
ଦିଗପାଳମାନନ୍ତ ବରିଲେ ଶୁଭ ଯେ ମଙ୍ଗଳେ । ୧୩ ।
ବଶିଷ୍ଠ ମାରକଣ୍ଡ ବିଶ୍ୱାମିତ୍ର ଅଗସ୍ତି
ଯଗ୍ୟେଂ ଯାଗନିକ ବରିଲେ ପାରେଶ୍ୱର ସନ୍ତତି । ୧୪ ।
ଉଦ୍ଦାଳେକ ବାମଦେବ ଧୌମ୍ୟ ପୁରୋହିତେ
ବାହାର ବରଣେ ଯାଗନିକ ସୁମନ୍ତେ  । ୧୫ ।
ବ୍ରହ୍ମା ବରଣ ହୋଇଲେ ଦୁର୍ଭାସା ତପୋବନ୍ତେ
ଯାଗକୁଣ୍ଡ ଖୋଳନ୍ତି ଶାହାସ୍ର ଯୁଗତେ । ୧୬ ।
ଅନେକ ବାଳଖିଲ୍ୟା ମିଳିଲେ ବ୍ରହ୍ମରଷି
ଶୁଭ ଯୋଗ ଘେନିଣ ଦୁର୍ଭାସାୟେ ମହାଯଗ୍ୟେଂ ବସି । ୧୭ ।
ବଦୟନ୍ତି ଅଗସ୍ତି ଶୁଣ ହୋ ବଇବସୁତ ମନୁ
ପ୍ରଥମ ମହାଯାଗ ଅନକୂଳ କଲେ ମକର ପଞ୍ଚମୀର ଦିନୁ । ୧୮ ।
ଚନ୍ଦ୍ରବାର ନକ୍ଷତ୍ର ସେ ଦିନ ଉତ୍ତରା ଫାଲଗୁନି
ବାଳବ ନାମେ କରଣ ସଉଭାଗ୍ୟ ଯୋଗ ଘେନି । ୧୯ । horoscope
ବୈଶ୍ୱାନର ବରଣ କଲେ ବିଶ୍ୱାମିତ୍ର ତୁଲେ
ଦ୍ୱାଦଶ ସମିଧ ଯବ ତିଳ କଲେ । ୨୦ ।

Click Here & Upgrade
Expanded Features
Unlimited Pages
PDF Complete

ଭାର ଅନେକ ଶୀତଳ ଦ୍ରବ୍ୟ
ଛାଲ ସବୁ ଥିବ । ୨୧ ।
ୟେସନେକ ଆରମ୍ଭେ ଯେ ଯଗ୍ୟର ଭିଆଣ
ଚତୁର୍ବେଦୀ ଲକ୍ଷେକ ବ୍ରାହ୍ମଣ ବରଣ । ୨୨ ।
ବିଜୟେ ମହାରାଜା ଧୃତରାଷ୍ଟ ନୃପତି
ତୁଲେଣ ଛନ୍ତି ଗାନ୍ଧାରୀ ଗାନ୍ଧାରସେନର ଦୋହିତୀ । ୨୩ ।

---------

୧୧-ପଦ ପୂର୍ବରେ ଗୋଟିଏ ପୋଥିରେ ଅଧିକା ପଦ ଅଛି ।

ସକଳ ଘେନି ମୁନି ଶୁଭ ଯୋଗେ ଚଳନ୍ତି ।
ସେ ନଦୀ କୂଳେ ଯଗ୍ୟ ଭୂମି ଖଣ୍ଡିୟେ କରନ୍ତି ।

ସ୍ୱହସ୍ତେ ଘେନିଲା ରାୟେ କନକ ଆଞ୍ଜୁଳି
ମହାଯଗ୍ୟ କୁଣ୍ଡରେ ଅଷ୍ଟଉତ୍ତରଶତ ବେଳ ଦିଅନ୍ତି ତୋଳି । ୨୪ ।
ଅଶ୍ୱମେଧେ ଶତେ ଘୃତ ଆଞ୍ଜୁଳି ଦେଇ ତୋଳି
ଯବ ତିଳ ବୃଷ୍ଟି ସେ କରନ୍ତି ମହୀଆଳୀ । ୨୫ ।
ପାଖୁଡା କୁସୁମ ଶତେ ବେଳ ବୃଷ୍ଟି
ମହାମନ୍ତ୍ର ଆଧ୍ୟାନ କରନ୍ତି ସକଳ ତପନିଷ୍ଠି । ୨୬ ।
ସହସ୍ରେକ ବ୍ରାହ୍ମଣ ଦିଅନ୍ତି ହବିର୍ଭାଗ
ଅନେକ ପକ୍କ ଯେ ଶୀତଳ ସର୍ବ ଦ୍ରବ୍ୟ ଭୋଗ । ୨୭ ।
ନତ୍ୟକର୍ମ ବିଧାନ ସାରିଲେ ତପୋବନ୍ତେ
ବିଜୟେ ଧୃତରାଷ୍ଟ ଗମନ୍ତି ପଞ୍ଚୁତୀର୍ଥେ । ୨୮ ।
ପଞ୍ଚୁ କଟକ ବେଢି ଅଛନ୍ତି ପଞ୍ଚୁତୀର୍ଥ
ସ୍ନାହାନ ସାରି ଆସଇ ଅମ୍ବିକାର ସୁତ । ୨୯ ।
ଅନେକ ଘୃତ ସେ ବରଷନ୍ତି ଆହୁତି
ଅଜପା ମନ୍ତ୍ରେ ବରଣ ମାରକଣ୍ଡ ଯତି । ୩୦ ।
ପଞ୍ଚ ଦିବସ ଆହୁତି ଦିଅନ୍ତି ତପୋବନ୍ତେ
ଅନୁବ୍ରତେ ଅଗ୍ନି ବୁଲଇ ବାମାବର୍ତ୍ତେ । ୩୧ ।
ବ୍ୟାସେ ବୋଇଲେ ୟେଥେ ଦିଅନ୍ତେ ଆହୁତି
ଦୋହିତା ମାତ୍ର ତୋହୋର ହୋଇବ ଉତପତ୍ତି । ୩୨ ।
ଧୃତରାଷ୍ଟ ବୋଇଲେ ମୁନି ହେ ତେତେଣ ପ୍ରିୟୋଜନ କିସ
ପୁତ୍ର ସନ୍ତାନ ଉତପତ୍ତି ହୋଇଲେଟି ରକ୍ଷା ହେବ ବଂଶ । ୩୩ ।
ପୁଣି ଅଗ୍ନିକି ଯେ କରନ୍ତି ବହୁତ ସ୍ତୁତି
ମହାମନ୍ତ୍ର ବାକ୍ୟେ ହାଦେ ଦିଅନ୍ତି ଆହୁତି । ୩୪ ।
ଯହୁଂ କଷ୍ଟୋର କଲେ ବ୍ୟାସ ମହାମୁନି
ଡାହାଣାବର୍ତ୍ତେକ ହୋଇଣ ବୁଲଇ ବହନି । ୩୫ ।
କନକ ରସାଣ ଭାଣ୍ଡ ବସାଇଲେ କୁଣ୍ଡର ଭିତରେ
ଘୃତ ଦେଇ ତଣ୍ଡୁଳ ମେଲିଲେ ବ୍ୟାସ ମୁନିବରେ । ୩୬ ।
ଫୁଟାଇ ତଣ୍ଡୁଳ କାଢିଲେ ବ୍ୟାସ ତପନିଷ୍ଠି
କୁଶଳେ ବସାଇଲେ ପରିମଳ ଅନ୍ନ ଫୁଟି । ୩୭ ।
ମାରକଣ୍ଡେ ବୋଇଲେ ହୋ ଶୁଣ କୁରୁବୀର
ସ୍ନାହାନ କରି ଆସୁ ଗାନ୍ଧାରୀ ଭାରିଯା ତୋହୋର । ୩୮ ।
(ୟେହାଶୁଣି) ନିତ୍ୟକର୍ମ ସାରି ଅଇଲେ ଗାନ୍ଧାରସେନ ଦୁଲଣୀ
ବିଷ୍ଣୁ ବାକ୍ୟ କରନ୍ତି ଅମୃତ ଯୋଗ ଜାଣି । ୩୯ ।
ଦେଖିଲେ ଅନ୍ନ ଯେ ଫୁଟିଅଛି ଶତେ ଗୋଟି
ବାଛିଣ କାଢିଲେ ତାହା ମାରକଣ୍ଡ ତପନିଷ୍ଠି । ୪୦ ।

Click Here & Upgrade
Expanded Features
Unlimited Pages
PDF Complete
Documents

... ମା ଗୋ ଆସ ଆୟି ମାଗ ବର
... ସିଦ୍ଧ ହୋଉ ଗୋ ତୋହୋର । ୪୧ ।
ଯେହ୍ନେ କଳପଣା ହୁଅଇ ମିଳଇ ତୋର ବାଞ୍ଛା
ହରଷ ହୋଇ ଆୟି ମାଗ ବର ଇଛା । ୪୨ ।
ଶତ ସହସ୍ର ଦଣ୍ଡ ହୋଇଣ ପ୍ରଳମ୍ବିତ
ପୁଣ ପୁଣ ବିନୟେ ବହୁତ ଭଗତ । ୪୩ ।
ତୁମ୍ଭେ ବ୍ରହ୍ମଋଷି ମୋତେ ସଦୟେ କରିବା
ଯେବେ ଅନଗୃହ ମୋତେ ଶତେ ପୁତ୍ର ଦେବା । ୪୪ ।
ଗାନ୍ଧାରୀ ବଚନ ଶୁଣିଣ ସନ୍ତୋଷ ତପୋଧନ
ରତ୍ନଭାଣ୍ଡେ ପାଇଲେ ସେ ଶତଗୋଟି ଅନ୍ନ । ୪୫ ।
ଗାନ୍ଧାରୀକି ବୋଇଲେ ଆୟି ପ୍ରାଶନ ଏହା କର
ବାଞ୍ଛା ପ୍ରାପତ ଯେ ହୋଇବ ତୋହୋର  । ୪୬ ।
ଯେହ୍ନେ ସିଦ୍ଧ ବାଞ୍ଛା ପ୍ରାପତ ହୋଇଲା
ତିନି ପୋଷେ ତଣ୍ଡୁଳ ମା ଗୋ ଶତେ ଗୋଟି ଫୁଟିଲା । ୪୭ ।
ୟେହାକୁ ଗ୍ରାସ ଆୟି କର ମହାସତୀ
ଅରଜିଲୁ ଅନେକ ପୁଣ୍ୟ ତୁ ହୋଇଲୁ ପୁତ୍ରବନ୍ତୀ । ୪୮ ।
ଋଷିଙ୍କର ବଚନେ ଗ୍ରାସ କଲା ଅନ୍ନ
ଯାଗ ସମାପତ ସେ କଲେ ମହାମୁନ୍ୟ । ୪୯ ।
ଅନେକ ଦାନ ଦକ୍ଷିଣା ଦେଲେ ଧୃତରାଷ୍ଟ
ଋଷିମାନେ କଲ୍ୟାଣ କଲେ ମହାତୁଷ୍ଟ । ୫୦ ।
ଅନେକ କାଳକୁ ଗୋ ରହୁ ଦେବୀ କଥା
ଉପୁଜୁ ଶତେ ପୁତ୍ର ଗୋ ହୁଅନ୍ତୁ ଭାଗ୍ୟ ବଳବନ୍ତା । ୫୧ ।
ୟେସନେକ ବର ଦିଲେ ସମସ୍ତ ତପୋଧନି
ହରଷେ ଧୃତରାଷ୍ଟ ଋଷିଙ୍କର କଲ୍ୟାଣ ଘେନି । ୫୨ ।
ଋଷିଙ୍କି ସନ୍ତୋଷ ରାଜା କଲା ଭଗତି ଭାବେ
ଚଳିଲେ ମୁନିନାମେ ଯେ ଯାହାର ଠାବେ । ୫୩ ।
ରାଜାଗଣମାନେ ଗଲେ ଯେ ଯାହର ଭୁବନେ
ଲଭଇ ଧୃତରାଷ୍ଟ ଅନେକ ପୁଣ୍ୟମାନେ । ୫୪ ।
ଦାନେଣ ଅତି ପୁଣ୍ୟବନ୍ତ ଯେ ହୋଇଲେ ନୃପବର
ଅନୁବ୍ରତେ ଧର୍ମ ରାଜା ସଦୟା ଶରୀର । ୫୫ ।
ଶୁଣଇ ଧର୍ମ ପୁରାଣ ରାଜା ଭାରିଯା ସହିତେ
ଦେବମନ୍ତ୍ରେ ବରଣ ଯେ କରଇ ଅନୁବ୍ରତେ । ୫୬ ।
ଅନେକ ଉତ୍ସବ ରାଜ୍ୟେ କରାଇ ହରଷେ
ସାନନ୍ଦ ଚିତ୍ତେ ରାଜା ପିତୃ ଦେବତା ପୋଷେ । ୫୭ ।
ଋଷିଙ୍କର ମହାମନ୍ତ୍ର କେହୁ ଆନ କରି
ମହାମନ୍ତ୍ରେ ଗାନ୍ଧାରୀ ଯେ ହୋଇଲା ଗର୍ଭ ଭାରି । ୫୮ ।
ପ୍ରକୃତି ଅନ୍ତରେ ସେ ଅନୁଆନେ ଇଛା
ଯାହା ମାଗଇ ନୃପତି ଦିଅଇ ମନବାଞ୍ଛା । ୫୯ ।
ନିଦାଘ କାଳେ ଯେ ବଇଶାଖ ମାସଇ
ଗଙ୍ଗା ସ୍ନାହାନେ ଗାନ୍ଧାରୀ ବିମାନ ଚଢି ଆସଇ । ୬୦ ।
ବିମାନୁଂ ଓହ୍ଲାଇ ଦେବୀ ବସଇ ଗଙ୍ଗାକୂଳେ
ଚଳି ନ ପାରଇ ସେ ଗର୍ଭର ବିକଳେ । ୬୧ ।
ଶତେପୁତ୍ର ଗର୍ଭରେ ଯେ ହୋଇଲା ମହାଭାରି
ସମ୍ଭାଳି ନ ପାରି ସେ ପକାଇଲା ଉଦୁଗାରି । ୬୨ । ସଂଖ୍ୟା
ଋଷିଙ୍କ ଅନ୍ନ ଯେ ଅତୁଟ ହୋଇଥିଲା

Click Here & Upgrade
Expanded Features
Unlimited Pages
PDF Complete
Documents

ପ ମୂର୍ଚ୍ଛାଗତ ଗଲା । ୬୩ ।
ଅମଳାନ ଚରୁ ଅନ୍ନ
ଜଳେ ପଡି ଦିଶଇ ସେ କନକର ବର୍ଣ୍ଣ । ୬୪ ।

------------

୫୫ ।୨  ଅନୁବ୍ରତେ ଧର୍ମ ରାଜା ଦୟାବୀର ।
୬୪ ।୧  ଅମଳାନ-ଅମ୍ଲାନ-ଶୁଦ୍ଧ

ଗାନ୍ଧାରୀ ପଡିଛି ଯେ ଗତ ଆତ୍ମା ହୋଇ
ଗଙ୍ଗା ସ୍ନାହାନ କରି ଯାନ୍ତେ ବ୍ୟାସେ ଭେଟିଲେକ ଯାଇଂ । ୬୫ ।
ଦେଖିଲେ ମୂର୍ଚ୍ଛାଗତେ ପଡିଛି ଗାନ୍ଧାରୀ
କମଣ୍ଡଳୁ ପାଣି ଛିଞ୍ଚିଲେ ବ୍ୟାସେ ବ୍ରହ୍ମଚାରୀ । ୬୬ ।
ମହାମନ୍ତ୍ର ପାଇ ସେ ଦେବୀ ହୋଇଲେ ସଚେତନ
ଦେଖିଣ ବିରସ ହୋଇଲେ ପାରେଶ୍ୱରଙ୍କ ନନ୍ଦନ । ୬୭ ।
ଦୁଖେଣ ଅରଜିଲୁ ଯେବଣ ଆହୁତି
ୟେହେନେକ ବିପାକ କର୍ମ ନୋହିଲାକ ସନ୍ତତି । ୬୮ ।
ଶାହାସ୍ର ନିନ୍ଦିତ ଯେ ହୋଉଛି ଯୁଗତେ
ସମସ୍ତ ଅନ୍ନ ୟେକରୁଣ୍ଡ କରି ଘେନିଲେ ତପୋବନ୍ତେ । ୬୯ ।
କମଣ୍ଡଳୁ ପାଣି ଛିଞ୍ଚି ମୁନି ଜୀବନ୍ୟାସ କଲେ
ଅମୃତ ଦୃଷ୍ଟିରେ ଚାହିଂ ଉଠ ଉଠ ରେ ବୋଇଲେ । ୭୦ ।
ପ୍ରତ୍ୟକ୍ଷେ ନାରାୟଣ ସେ ଯେବଣ ମହାମୁନି
ଶତେପୁତ୍ର ଜନ୍ମ ହୋଇଲେ ମହାବୀର୍ଯ୍ୟ ଘେନି । ୭୧ ।
ଅତ୍ୟନ୍ତ ସୁନ୍ଦର ସେ ମକରଧ୍ୱଜ ପ୍ରାୟେ
ତିନିଭୁବନ ମୋହନ୍ତି ସେ ବାଳୁତ ତନୟେ । ୭୨ ।
ଦେଖିଣ ଗାନ୍ଧାରୀ ଯେ ସେପରମ ସାନନ୍ଦେ
ବ୍ୟାସେ ବୋଇଲେ ଆୟି ପୁତ୍ର ସମ୍ଭାଳ ତୋ ହାଦେ । ୭୩ ।
ଶତେପୁତ୍ର ବିମାନେ ଶୁଆଇ ଗାନ୍ଧାରୀ
ସେହିଠାରେ ଅନ୍ତର୍ଧାନ ହୋଇଲେ ବ୍ୟାସ ବ୍ରହ୍ମଚାରୀ । ୭୪ ।
ପୁତ୍ରନ୍ତ ଘେନି ଦେବୀ ବିଜୟେ ନିଜପୁରେ
ବିଦୁର କହିଲେ ଧୃତରାଷ୍ଟ୍ରଙ୍କ ଆଗରେ । ୭୫ ।
ସାବଧାନ ହୋଇ ଶୁଣିମା ଦଣ୍ଡଧାରୀ
ଶତେପୁତ୍ର ଘେନିଣ ହାଦେ ବିଜୟେ ଗାନ୍ଧାରୀ । ୭୬ ।
ଅନେକ ହରଷ ହୋଇଲେ ଶୁଣି ଅନ୍ଧରାୟେ
ଆଣି କୋଳେ ଦେ ସି ମୁଂ ଧରଇ ତନୟେ । ୭୭ ।
ପ୍ରଥମ ପୁତ୍ରକୁ ଘେନିଣ ବିଦୁର
କୁମରଙ୍କୁ ଦିଲେ ନେଇ ଧୃତରାଷ୍ଟ୍ରଙ୍କ କୋଳର । ୭୮ ।

----------

୭୧ ।୨  ଶତେ ପୁତ୍ର ଜନ୍ମ ହୋଇଲେ ମହା ତେଜ ଘେନି ।

ପ୍ରଥମ ପୁତ୍ରକୁ କୋଳେ ଘେନିଣ କୁରୁପତି
ହୃଦୟରେ ଚକ୍ଷୁ ଘେନି ସେ ବାରଇ ତୋଷମତି । ୭୯ ।
ଅନ୍ଧ ବୋଇଲା ବିଦୁର ୟେ ପୁତ୍ର କେବଣ ଲକ୍ଷଣବନ୍ତ
ବିଦୁରେ ବୋଇଲେ ୟେ ପନ୍ନଗା ନାରାୟଣ ସଂଜାତ । ୮୦ ।
ଦୁଇ ପାଦରେ ୟେହାର ଅଛଇ ପଦ୍ମଚିହ୍ନ
ଶଙ୍ଖ ପଦ୍ମନିଧି ବେନି କର ତଳେ ଶୋହାବନ । ୮୧ ।
ଯବ ସସ୍ତ୍ୟ ଆରୋପଣ ୟେହାର ଦକ୍ଷିଣ କରସ୍ଥଳୀ

Click Here & Upgrade
Expanded Features
Unlimited Pages
PDF Complete
Documents

[illegible] ାନ ଶୋହାବନ ଅଙ୍ଗୁଳି । ୮୨ ।
[illegible] ଉଷଠୀ ଗୁଣବନ୍ତା
ଆକର୍ଷଣ ମୂରତି ତାତ ୟେ ମହା ବଳବନ୍ତା । ୮୩ । ସଂଖ୍ୟା
ୟେହେର୍ଣ୍ଣକ ଲକ୍ଷଣବନ୍ତ ସ୍ୱାମୀ ତୋହୋର ପ୍ରଥମ ପୁତ୍ର ଗୋଟି
ଜଗୁଜନମୋହନ ପନ୍ନଗା ନାରାୟଣ ସେ ଟି । ୮୪ ।
ପୃଥିକି ଧାରଣା ୟେ ହୋଇବ ୟେକା ଜଣେ
ଲକ୍ଷେ ରାଜା ଖଟିଥିବେ ୟେହାର ଚରଣେ । ୮୫ ।
ଜମ୍ବୁଦୀପ ମଧ୍ୟରେ ହୋଇବ ୟେକଛତ୍ର ରାଜା
ୟେହାର ପ୍ରସାଦେ ପାଇବୁ ଅନେକ ତୁ ପୂଜା । ୮୬ ।
ଗୁଣକଇ କାରଣ ୟେ ତୋର ହୋଇଲା ତନୟେ
ସ- ଦ ହିଂ ଅରଜିବ ନାଥ ୟେ ଅଳପ ସମୟେ । ୮୭ ।
ତ୍ରୈଲୋକ୍ୟ ସାଧ୍ୟ ୟେ କରିବ ସର୍ବନୃପେ
ମାନଗୋବିନ୍ଦ ବୀରଧୂ ୟେ ବୋଲାଇବ ପ୍ରତାପେ । ୮୮ ।
ଗୁଣବନ୍ତ ବିବେକ ଧାର୍ମିକ ବିଧ୍ୱଂସ
ପୁଣ ୟେ ପୁତ୍ର ପ୍ରମାଦେ ନାଶ ଯିବ ତୋର ବଂଶ । ୮୯ ।

------------

୭୯ ।୨ ଶରୀର ଆଉଂସି ମୁଖେ ଚୁମ୍ବନ ଦେଲେ ଥିରମତି ।
ହୃଦରେ ଲକ୍ଷଣ ସେ ବାରଇ ତୋଷମତି । ।
୮୫ ।୧ ପୃଥିବୀକି କାରେଣି ହୋଇବ ୟେକା ଜଣେ ।
୮୬ ।୨ ସମସ୍ତ ଭୂପାଳ ମାନେ କରିବେ ପାଦ ପୂଜା ।
୮୮ ତ୍ରୈଲୋକ୍ୟ ସାଧ୍ୟ କରିବ ୟେ ୟେକ ନୃପ ରୂପେ ।
ମାନଗୋବିନ୍ଦ ରୂପ ୟେ ହୋଇ ପରତାପେ ।
୮୧ ।୨ ଶୋହାବନ-ଶୋଭାବନ
୮୯ ।୧ ବିଧ୍ୱଂସ-ଶତ୍ରୁ ଭାବାପନ୍ନ, ବିନାଶଶୀଳ

ଦୁଷ୍ଟ ପ୍ରକୃତି ଅସଂଖ୍ୟ ସେ କଳହ ପ୍ରିୟା
କୋଟିପାଦେ ଅନୁବ୍ରତେ କନ୍ଧରେ ଥିବେ ଶ୍ରିୟା । ୯୦ ।
କୁଳ କ୍ଷୟାନ୍ତକ ୟେହୁ ହୋଇବ ତୋର ପୁତ୍ର
ମହାମାନୀ ମଧୁପିଙ୍ଗଳ ଅଶାନ୍ତି ପ୍ରକୃତି ନ ସହିବ ଜଗତ । ୯୧ ।
ଅପଖ୍ୟାତି ଅପକୀର୍ତ୍ତି ଅର୍ଜିବ ବହୁତ ଜଗତେ
କଳି ଅଂଶେ ଜାତ ହୋଇଲା ୟେ ତୋହୋର ଜ୍ୟେଷ୍ଠ ପୁତ୍ରେ । ୯୨ ।
ୟେତେକାଳ ପରିଯନ୍ତେ ତୋହୋର ପୁତ୍ର ଯେ ନ ଥିଲା
ଦୁର୍ଭାସାଙ୍କର ମହାମନ୍ତ୍ରେ ତୋର ଶତେକ ପୁତ୍ର ଉପୁଜିଲା । ୯୩ ।
ୟେକ ପୁତ୍ରକୁ ଯେବେ ମୂର୍ଚ୍ଛି ପାରିବୁ ଦଣ୍ଡଧାରୀ
ଆଗ୍ୟାଂ ଦେବୁ ୟେହାକୁ କି ପକାଇବି ମାରି ।୯୪ ।
ୟେକ ପୁତ୍ର ନାଶଗଲେ ତୋର ଅନେଶ୍ୱତ ପୁତ୍ର ଭଲେ ଥିବେ
ଚିରାନ୍ତନ ପୃଥୀ ଭୋଗ କରିବୁ ତୋତେ ଧର୍ମ ନ ଛାଡିବେ । ୯୫ ।
ଧୃତରାଷ୍ଟ୍ର ପଚାରିଲେ ଶୁଣସି ହୋ ବିଦୁର
ଆରେ ବାବୁ ଅନେଶ୍ୱତ ପୁତ୍ରକଇ କହନି ବିଚାର । ୯୬ ।
ଆରେକ ପୁତ୍ର ପୁଣି ଦିଲାକ କୋଳର
ବୋଇଲେ ବିଦୁର ୟେ ପୁତ୍ର ନିଅସି ଦଣ୍ଡଧର । ୯୭ ।
ଦୁଜ ପୁତ୍ର କୋଳରେ ଧଇଲେ ଧୃତରାଷ୍ଟ୍ର
ପର୍ବତ ସମାନେ ଗରୁ ସେ ମହା ମହା ବଳିଷ୍ଠ । ୯୮ ।
କରପତ୍ର ଯୋଡିଣ ସେ ବୋଲଇ ବିଦୁର
ୟେ ମହା ଦର୍ପିଷ୍ଠ ସ୍ୱାମୀ ଦୁଷ୍ଟ ଯେ ଦୃଭାର । ୯୯ ।

Click Here & Upgrade
Expanded Features
Unlimited Pages
PDF Complete Documents

ଲକ୍ଷଣ ବିଚାରଇ ବିଦୁର ମହାତମା
ଯେ ଅଟନ୍ତି ଅପ୍ରତିମା । ୧୦୦ ।
ଅପ୍ରୀତି ଲକ୍ଷଣ ଯେ ସମସ୍ତେ ମହାଦୁଷ୍ଟ
ଯେବେ ଆନନ୍ଦ ହୋଉଂଛୁ ପଛନ୍ତେ ପାଇବୁ ଦାରୁଣ କଷ୍ଟ । ୧୦୧ ।

-----------

୯୫ ।୨ ଚିରାନ୍ତନ ରାଜ୍ୟ ତୋତେ ଲକ୍ଷ୍ମୀ ନ ଛାଡିବେ ।
୧୦୦ ଗୋଟି ଗୋଟି କରି ଲକ୍ଷଣ ବିଚାରଇ ବିଦୁର ମହାଯତି
ଯେକେ ଯେକେ ଦୁଷ୍ଟ ଯେ ଅନେଶ୍ୱତ ପ୍ରକୃତି ।
୯୧ ।୨ ମଧୁ-ମଦମତ୍ତ, ପିଙ୍ଗଳ-ଯେ ଅସାଧୁ ଓ ବିରକ୍ତିପ୍ରଦ କଥା କହେ (ମରହଟ୍ଟି ଅଭିଧାନ)

ଗୁଣବନ୍ତ ଉପୁଜାଇ ଯେବେ ନାଶଗଲେ ହାଦେ ବଳା
ସେହି ସେ ମହାକଷ୍ଟ ବୋଲି ବିଦୁର ବୋଇଲା । ୧୦୨ ।
ଧୃତରାଷ୍ଟ ବୋଇଲେ ବାବୁ ଯେହା ସେ କହିଲୁ
ପୁତ୍ରେକ ମୂର୍ଚ୍ଛିବାକୁ ବୋଇଲୁ ପୁଣି ସବୁନ୍ତି ବାଛିଲୁ । ୧୦୩ ।
ପୁଣି ସବୁନ୍ତି ଯେ ବୋଇଲୁ ଦୋଷକାରୀ
କର୍ମେ ଯାହା ଫଳିବ ତାହା କେହୁ ଆନ କରି । ୧୦୪ ।
ଭାଗ୍ୟେ ଯେ ପ୍ରାପତ ତାହା ମୂର୍ଚ୍ଛିବା କେମନ୍ତେ
ଲୟେ କରି ଧୃତରାଷ୍ଟ ଚିନ୍ତିଲା ବ୍ୟାସ ତପୋବନ୍ତେ । ୧୦୫ ।
ପାରେଶ୍ୱରଙ୍କର ନନ୍ଦନ ସତ୍ୟବତୀଙ୍କର ସୁତ
ବ୍ୟାସେ ବିଜେ କଲେ ଆସି କୁରୁନାଥର ଅଗ୍ରତ । ୧୦୬ ।
ସଞ୍ଜୟେ ବୋଇଲେ ଶୁଣ ଧୃତରାଷ୍ଟ ମହାଛତ୍ରୀ
ପାରେଶ୍ୱର ନନ୍ଦନ ଯେ ବିଜେ କଲେ ଧାତି । ୧୦୭ ।
ଆସ୍ତାନ ତେଜି ଉଠିଲେ ଯେ କୁରୁବଇ ସ୍ୱାମୀ
ବ୍ୟାସ ଚରଣେ ଶତ ସହସ୍ର ଦଣ୍ଡ ପରିଣାମି । ୧୦୮ । ସଂଖ୍ୟା
ସମସ୍ତ ପୁତ୍ରଙ୍କୁ ଧୃତରାଷ୍ଟ ବ୍ୟାସଙ୍କ ସନ୍ନିଧ୍ୟେ ଦିଲେ ନେଇ
ଯେକା ପଲଙ୍କ ଗୋଟିକରେ ସବୁ ପୁତ୍ରମାନଙ୍କୁ ଶୁଆଇ । ୧୦୯ ।
ଭୋ ବ୍ୟାସେ ତୋହୋର ପରସାଦେ ମୋହୋର ଶତେ ତନୁ
ପୁତ୍ରନ୍ତ ତୋହୋର କୋଳେ ଧରି କଲ୍ୟାଣ କର ଅବଧାନୁ । ୧୧୦ ।
ପ୍ରଥମ ପୁତ୍ର ଗୋଟି ନେଇ ବିଦୁର ବ୍ୟାସଙ୍କର କୋଳେ ଦିଲା
ବଡ ବିଚକ୍ଷଣ ବୋଲି ମହାମୁନି ବୋଇଲା । ୧୧୧ ।
ଶରୀର ଆଉଂଶି ବୋଇଲେ ତୋହୋର ଶରୀର ବଜ୍ର ହୋଉ
ଆମୃର ସର୍ଜନ ଯେହାର ତହିଂ କଥାୟେ ଥାଉ । ୧୧୨ ।
ବାଳୁତ ବେନି ଜାନୁ ଯେକଠାରେ ଲାଗିଥିଲା
ତହିଂରେ ହସ୍ତ ନ ଲାଗିଲା ଛିଦ୍ର ଯେ ରହିଲା । ୧୧୩ ।
ଅଇବ୍ରତେକ ସିଂହର ତୋହୋର ହୋଉ ପରାକର୍ମ
ଜଗଜିଣା ହୋଅ ତୋତେ କେହୁ ଜିଣନ୍ତା ନୋହୁ ସାଂଗ୍ରାମ । ୧୧୪ ।
ଯେସନେକ ବର ଯହୁଂ ଦିଲେ ତପୋବନ୍ତେ
କାନ୍ଦନ୍ତେ ଦକ୍ଷିଣ ଚରଣ ବାଜିଲା ବ୍ୟାସଙ୍କ ହୃଦଗତେ । ୧୧୫ ।

------------

୧୦୮ ।୧ କୁରୁବଇ-କୁରୁପତି

ଅସାଷ୍ଟମ ହୋଇ ଯେ ପଡିଲେ ବ୍ରହ୍ମଯତି
ନାସିକା ବାଟେ ଶ୍ରୋଣିତ ବହଇ ଅପ୍ରମିତି । ୧୧୬ ।
ସାଷ୍ଟାମ ହୋଇଲେ ତହିଂ ବସିଲେ ବ୍ରହ୍ମବେତ୍ତା
ଯେହିକ୍ଷଣି ବର ଦିଲୁ ରେ ଯେତେକ ବଳବନ୍ତା । ୧୧୭ ।

Click Here & Upgrade
Expanded Features
Unlimited Pages
PDF Complete

ଟିଲା ତୋହୋର ଚରଣ ବାଜୁଂ
ାହୋର ଯେହି ଚରଣ ଭାଞ୍ଜୁ । ୧୧୮ ।
ଅଇବ୍ରତେକ ସିଂହର ପ୍ରାକର୍ମ ତୋହୋର
ଯେକା ସିଂହର ପ୍ରାକର୍ମେ ତୁ ହୋଅ ଅପହାର । ୧୧୯ ।
ପ୍ରଥମେ ଦୁର୍ବୁଦ୍ଧି ଯେ ଚିନ୍ତା କରାଇଲୁ ମନ
ଯେ ତୋହୋର ପୁତ୍ର ନାମ ହୋଉ ଦ୍ରିଯୋଧନ । ୧୨୦ ।
ଧୃତରାଷ୍ଟଙ୍କ ଅଗ୍ରତେ ଯେହା ସଞ୍ଜୟେ କହିଲା
ନିକଲଙ୍କ ପୁତ୍ରକୁ ହାଦେ କଳଙ୍କ ଲାଗିଲା । ୧୨୧ ।
ଶୁଣିଣ ବିରସ ଯେ ହୋଇଲା ନୃପତି କୁରୁ ବୀର
ତଲୟେ କରି ଚିନ୍ତିଲେ ସେ ଦୁର୍ଭାସା ମୁନିବର । ୧୨୨ ।
ଦଣ୍ଡ କମଣ୍ଡଳ କଷା କଉପୁନି
ପ୍ରବେଶ ହୋଇଲେ ମହାତ୍ମା କୁରୁନାଥର ସନ୍ନିଧାନି । ୧୨୩
ସଞ୍ଜୟ କହିଲେ ହୋ ଶୁଣ କୁରୁପତି
ବିଜେ କଲେ ମହାତ୍ମା ଦୁର୍ଭାସା ମହାଯତି । ୧୨୪ ।
ଆସ୍ତାନ ତେଜିଣ ସେ ଉଠିଲା କୁରୁରାୟେ
ମୁନିଙ୍କ ପଦ୍ମପାଦେ ଅର୍ଘ୍ୟ ପୂଜା କୟେ । ୧୨୫ ।
ଦୁର୍ଭାସା ମୁନି ହୋ ମୋର ପୁତ୍ରନ୍ତ ତୁ ଚାହାଂ
ତୋହୋର ପ୍ରସାଦେ ଯେ ପାଇଲି ମୁଂ ଯେହା । ୧୨୬ ।
ଦୁର୍ଭାସାୟେ ବୋଇଲେ ଶୁଣ ହେ ମୁନି ବ୍ୟାସେ
ପୁତ୍ରଙ୍କର ନାମ କିସ କିସ ଦେଲଟି ସନ୍ତୋଷେ । ୧୨୭ ।
----------
୧୧୮ ।୧କନ୍ଧ ଆତ୍ମା ଦେହ ମୋର ପ୍ରାସ ପାଇଲା ତୋ ଚରଣ ବାଜି ।
୧୨୦ ପ୍ରଥମେ ଦୁର୍ବୁଦ୍ଧି କଲୁ ରେ ନନ୍ଦନ ।
ତୋହୋର ନାମ ଗୋଟି ହୋଉ ରେ ଦୁର୍ଯୋଧନ ।।
୧୧୯ ।୨ଅପହାର-ନାଶ

ବୋଲନ୍ତି ବ୍ୟାସେ ଯେ ଜ୍ୟେଷ୍ଠ ପୁତ୍ରକୁ
ଦୁଷ୍ଟ ବୁଦ୍ଧି ଜାଣି ଦ୍ରିଯୋଧନ ନାମ ହାଦେ ଦିଲଇଂ ଯେହାକୁ । ୧୨୮ ।
ଦୁଜ ପୁତ୍ର ଗୋଟିକ ଦୁର୍ଭାସା ଧଇଲେକ କୋଳେ
ମୁଖେ ଚୁମ୍ବନ ଦେଇ ଲଗାଇଲେ ବକ୍ଷସ୍ଥଳେ । ୧୨୯ ।
ପୁଣି ବିଚାରୁଛନ୍ତି ଦୁର୍ଭାସା ତପୋବନ୍ତେ
କୋଳେ ଧରି ବୋଇଲେ ଶତେ ସିଂଘ ପ୍ରାକର୍ମ ହୋଉ ତୋତେ । ୧୩୦ ।
ହସ୍ତ ଗୋଟି ମୁଷ୍ଟି କରି କାନ୍ଦନ୍ତେଣ ବାଳ
ସେ ମୁଷ୍ଟି ବାଜିଲା ଦୁର୍ଭାସାଙ୍କ ବକ୍ଷସ୍ଥଳ । ୧୩୧ ।
ଉତ୍ତାନଶାହୀ ହୋଇ ପଡିଲେ ମହାମୁନି
ଘଡିକେ ଚେତନ ପାଇଲେ ସାଷ୍ଟମ ଯେ ଘେନି । ୧୩୨ ।
ମୁଷ୍ଟି ବାଜନ୍ତେଣ ମୁନି ଅସାଷ୍ଟମ ହୋଇଲେ
ସେ ଦୁସହ ଘାତ ପାଇ ତାହାକଇ ଦୁଶାସନ ନାମ ଦିଲେ । ୧୩୩ ।
ଆପଣାର ସର୍ଜନା ବୋଲି ଇଛାୟେ ଯେବେ ଅନଗୃହ କଲେ
ରାଗ ସହି ନ ପାରି ଶାପ ତାକୁ ମୁନି ଯେ ବିହିଲେ । ୧୩୪ ।
ଆରେ ଦକ୍ଷିଣ ଭୁଜେ ପ୍ରହାର କଲୁ ମୋତେ ମୁଥେ
ଆତ୍ମା ବିସର୍ଜନ ହୋଇଲା ତୋହୋର ମୁଥଘାତେ । ୧୩୫ ।
ମୋହୋର ଶାପ ତୋତେ ନ ଯାଉ ରେ ଗତି
ସୋଦର ଶାସ୍ତି ଦେଉ ତୋତେ ଦକ୍ଷିଣ ଭୁଜ ଉପାଡି । ୧୩୬ ।
ଯେସନେକ ଶାପ ଦିଲେ ଦୁର୍ଭାସା ମହରଷି

Click Here & Upgrade
Expanded Features
Unlimited Pages
PDF Complete

ାସେ ମନେ ମନେ ହସି । ୧୩୭ ।
ହୋ ଶୁଣ ଧୃତରାଷ୍ଟ
ଋଷିମାନଙ୍କରେ ତୋତେ ହୋଉଛି ପୁତ୍ର କଷ୍ଟ । ୧୩୮ ।
ଜାତ ହିଂ କଲେ ବର ହିଂ ହାଦେ ଦିଲେ
ରାଗ ସହି ନୁଆରି ଶାପ ହିଂ ପ୍ରାଭବିଲେ । ୧୩୯ ।

----------

୧୨୮ ।୨ଦ୍ରିଯୋଧନ ନାମ ହାଦେ ଦିଲଇଂ ୟେହାକୁ ।
୧୩୭ ୟେସନକ ଶାପ ଦିଲେ ଦୁର୍ଭାସା ତପୋନିଷ୍ଠି
ଶାପ କଥା ଶୁଣି ମୁନି ବିସ୍ମୟେ ମନତୁଷ୍ଟି
୧୩୯ ।୧ରାଗ ସହି ନ ପାରି ପ୍ରାଭବ ବିହିଲେ ।
୧୩୯ ।୨ଶାପହିଂ ପ୍ରାଭବିଲେ-ଶାପରୂପ ପରାଭବକୁ ପ୍ରଦାନ କଲେ ।

ଯେହ୍ନେ ସେ କର୍ମେଣ ପ୍ରାପତ ହୋଇଲା ତୁକୁ
ପୁତ୍ରନ୍ତ କୋଳେ ନ ଦିଅ ଋଷିମାନଙ୍କୁ । ୧୪୦ ।
ବ୍ୟାସେ ବୋଇଲେ ଯେ ଦୁର୍ଭାସାଙ୍କର ମହାମନ୍ତେ
ଶତେ ପୁତ୍ର ପ୍ରାପତ ହୋଇଲାକ ରାଜା ତୋତେ । ୧୪୧ ।
ଦୁ ଅକ୍ଷରେ ହାଦେ ସବୁଙ୍କରି ନାମ
ପ୍ରଥମ ପୁତ୍ର ନାମ ଯେ ହୋଇଲା ଦୁର୍ଯୋଧନ । ୧୪୨ ।
ଦୁଜେଣ କୁମାର ହୋଇଲା ଦୁଶାସନ
ଶତେକ ପୁତ୍ର ନାମଟି ଦେବାକ ଅନୁମାନ । ୧୪୩ ।
ତିଜ କୁମାର ନାମ ଦିଲେ ଯେ ଦୁର୍ମନ
ଚତୁର୍ଥ କୁମାର ଯେ ଦୁର୍ବାଳ ବୋଲି ନାମ । ୧୪୪ ।
ଦୁର୍ଜନ ନାମେ ପୁତ୍ର ହୋଇଲା ପଞ୍ଚମେ
ଦୁର୍ବୀର ନାମ ଯେ ହୋଇଲା ଷଷ୍ଠମେ । ୧୪୫ ।
ଦୁରାନ୍ତକ ନାମ ଯେ ହୋଇଲା ସପ୍ତମେ
ଦୁର୍ବିନ୍ଧ ନାମ ଯେ ହୋଇଲା ଅଷ୍ଟମେ । ୧୪୬ ।
ଦୁରନ୍ତ ନାମ ହୋଇଲା ନବମେ
ଦୁସହ ନାମ ଯେ ହୋଇଲା ଦଶମେ । ୧୪୭ ।
ୟେକାଦଶ ନାମ ହୋଇଲା ଦୁରାମ । ୧୪୮ ।
ଦୁସମ ନାମ ଯେ ହୋଇଲା ଦ୍ୱାଦଶମେ
ତ୍ରୟୋଦଶମେ ନାମ ହୋଇଲା ଦୁଷ୍କାମେ । ୧୪୯ ।
ଚତୁର୍ଦ୍ଦଶମେ ନାମ ଦୁର୍ମାଳୀ ହୋଇଲା
ପଞ୍ଚୁଦଶ ନାମ ଦୁକୁଳ ଯେ ହେଲା । ୧୫୦ ।
ଦୁକର୍ଣ୍ଣ ନାମଟି ଅଟେ ଆର ଭାଇ
ଦୁର୍ହଣ ନାମେ ଯେ ସପ୍ତଦଶ କୁମାର ହୋଇ । ୧୫୧ ।
ଦୁର୍ଦ୍ଦକ୍ଷ ନାମ ଯେ ଆରେକ ପୁତ୍ର ଗୋଟି
ଦୁର୍ଗମ ନାମ ଆରେକ ବଳିଷ୍ଠି । ୧୫୨ ।
ଦୁରାଷ୍ଟ ନାମେ ହୋଇଲା ବିଂଶ ବାଳ
ୟେକବିଂଶ ନାମ ହୋଇଲା ଦୁର୍ବଳ । ୧୫୩ ।
ଦୁଷକ ବୋଲି ବାଇଶି ପୁତ୍ର ନାମ
ଦୁର୍ଭାର ବୋଲି ଆରେକ ପୁତ୍ର ନାମ । ୧୫୪ ।

ଚତୁର୍ବିଂଶ ନାମ ଦିଲେ ଦୁର୍ଭୀମ
ପଞ୍ଚବିଂଶ ନାମ ହୋଇଲା ଦୁର୍ନାମ । ୧୫୫ ।
ଦୁରାଣ ନାମ କୁମର ଷଷ୍ଠ ବିଂଶ

Click Here & Upgrade
Expanded Features
Unlimited Pages
PDF Complete
Documents

ା ଦିଲେକ ଦୁର୍ଦ୍ଧଂସ । ୧୫୬ ।
ା ଦିଲେ ଦୁସନ
ଉନତ୍ରିଂଶ ଦୂଷଣ ନାମ ଅନୁଜ ବିଦ୍ୟମାନ । ୧୫୭ ।
ତ୍ରିଂଶ ପୁତ୍ର ନାମ ହୋଇଲା ଯେ ଦୁଷ୍ଟ
ୟେକତ୍ରିଂଶ ଦୁରାନ୍ତନ ହୋଇଲା ବଳିଷ୍ଠ । ୧୫୮ ।
ଦୁର୍ଦ୍ଦଣ୍ଡ ବୋଲି ତାହାର ସାନୁଜ
ତାହାର ସାନ ନାମ ଦିଲେ ଯେ ଦୁରାଜ । ୧୫୯ ।
ଚଉତ୍ରିଂଶ ପୁତ୍ରର ନାମ ହୋଇଲା ଦୁର୍ଦାନ
ତହୁଂ ଜାତ ହେଲେ ଦୁର୍ଭାନୁ ଦୁରାକ୍ଷ ଦୁରାଶନ । ୧୬୦ ।
ଦୁଶୟ ଦୁସନ୍ତେକ ଦୁସ୍ତର ଦୁର୍ବହଣ
ଦୁର୍ମାଳ ଦୁରାନନ୍ଦ ଦୁର୍ହରି ଦୁର୍ମର୍ଷଣ । ୧୬୧ ।
ଦୁରାପଦ ଦୂରକ ଦୁର୍ଦାସ ଦୁକାଳ ଦୁରାୟ
ଦୁରାନନ ଦୁର୍ଗତ ଦୁଷ୍ଟାପ ଦୁରାଳୟ । ୧୬୨ ।
ଦୁର୍ମତି ଦୁରଙ୍ଗ ଦୁର୍ଜୟ ଦୁର୍ନିଧି ଦୁର୍ଦ୍ଧାର
ଦୁରାକର୍ଣ୍ଣ ଦୁର୍ଭାଷ ଦୁର୍ଭାବ ଦୁଷ୍କର । ୧୬୩ ।
ଦୁଶିବ ଦୁର୍ମୋହ ଦୁର୍ଭଗ ଦୁର୍ଲୟ ଦୁର୍ଭୟ ଦୁରାମୟ
ଦୁକେତୁ ଦୁରାୟନ ଦୁସିଦ୍ଧି ଦୁତନୁ ଦୁସିଂହ ଦୁରାଶୟ । ୧୬୪ ।
ଦୁର୍ବାହ ଦୁର୍ନିରୀକ୍ଷ ଦୁର୍ବହ ଦୁର୍ମଦ
ଦୁରାତ୍ମା ଦୁରାଚାର ଦୁସ୍ତେଜ ଦୁରାସଦ । ୧୬୫ ।
ଦୁର୍ମୋକ ଦୁର୍ମୁଖ ଦୁର୍ଦ୍ଧାନ୍ତ ଦୁଶଳ ଦୁର୍ବାକ
ଦୁର୍ବିଗାହ ଦୁର୍ବିନୀତ ଦୁରାଧ ଦୁରକ୍ଷକ । ୧୬୬ ।
ଦୁରଭିସନ୍ଧି ଦୁର୍ଣ୍ଣୟ ଦୁରୂହ ଦୁର୍ମେଧ୍ୟ
ଦୁର୍ଦ୍ଧର୍ଷ ଦୁର୍ବିମୋଚନ ଦୁର୍ଭେଦ୍ୟ ଦୁସାଧ୍ୟ । ୧୬୭ ।
ଦୁର୍ଭାସା ବୋଇଲେ ଶୁଣ ହୋ ଧୃତରାଷ୍ଟ୍ର
ୟେକୁଂ ୟେକ ପୁତ୍ର ତୋର ମହା ଯେ ବଳିଷ୍ଠ । ୧୬୮ ।
ଶୁରବନ୍ତ ପୁତ୍ରନ୍ତ ତୁ ଘେନି କୁରୁବଇଂ
ସୁଖେଣ ତୁ ରାଜ୍ୟ କର ନରବଇ । ୧୬୯ ।
ପଣ୍ଡୁର ପ୍ରସାଦେ ତୋତେ ନାହିଂନା ଅନୀତି
ଆପଣେ କଷ୍ଟେ ସେତୋତେ ଶୁଭ ଚିନ୍ତି । ୧୭୦ ।
ତିଆରିଣ ତୀର୍ଥକଇ ଗଲେକ ଦୁର୍ଭାସା
ବ୍ୟାସେ ବିଜେ କଲେ ଯାଇଂ ଶତଶିଂଗ ବସା । ୧୭୧ ।
ପଣ୍ଡୁରାୟ ପ୍ରଳମ୍ବିତ ବ୍ୟାସଙ୍କର ପଦ୍ମପାଦେ
ଅନେକ ସ- ଦ ସ୍ୱାମୀ ହେ ତୁମ୍ଭର ପରସାଦେ । ୧୭୨ ।
କେଉଂଣ ଭୁବନେ ତୁମ୍ଭେ ଥିଲ ପିତାମହ
ହସ୍ତିନାର କୁଶଳ ବାରତା ମୋତେ କହ । ୧୭୩ ।
ବ୍ୟାସେ ବୋଇଲେ ହୋ ଦୁର୍ଭାସାଙ୍କର ମନ୍ତ୍ରବଳେ
ଶତେପୁତ୍ର ଉପୁଜିଲା ଗାନ୍ଧାରୀର କୋଳେ । ୧୭୪ । ସଂଖ୍ୟା
ମହା ଆରମ୍ଭେ କୁମରେ ବଡାଇ ବଳବନ୍ତା
ଦୁଷ୍ଟ ପ୍ରକୃତି ସେ ହୋଇବେ ଜଗଜିତା । ୧୭୫ ।
ତିଆରସି ପଣ୍ଡୁ ହୋ ତୋହୋର ଭାରିଯାକୁ
ଗାନ୍ଧାରୀ ପୁତ୍ର ରାଜ୍ୟ ନୋହିବଟି ତୁକୁ । ୧୭୬ ।
ଦେବତାଙ୍କର ମଧ୍ୟେ ବଳବନ୍ତ ମରୁତ
ସେ ପବନର ବୀର୍ଯ୍ୟେ ଉପୁଜିଲା ହନୁମନ୍ତ । ୧୭୭ ।
ତ୍ରେତାଯୁଗରେ ସେ ହୋଇଲା ମହାଛତ୍ରୀ
ପର୍ବତେ ସେତୁ ବାନ୍ଧିଲା ୟେକଘାନ୍ତି । ୧୭୮ ।

Click Here & Upgrade
Expanded Features
Unlimited Pages
PDF Complete Documents

...ସ ହୋଇଲା ତ୍ରିଜୀବୀ
...ତ୍ର ଗୋଟିୟେ କରସି ଗୋ ଦେବି । ୧୭୯ ।
ଅମରାଧି ନାଥ ଗୋ ସେ ଇନ୍ଦ୍ର ଯେ ଦେବତା
ତେଣେ ହେଂ ପୁତ୍ର ଗୋଟିୟେ ଜାତ କରା ଗୋ ମାତା । ୧୮୦ ।

--------------

୧୭୦ ପଣ୍ଡୁର ପ୍ରସାଦେ ତୋତେ ନାହିଂ ନା କିଛି ଭୀତି ।
ଆପଣେ କଷ୍ଟପାଇ ତୋତେ ଶୁଭ ଚିନ୍ତେ କୁରୁପତି ।।
୧୭୬ ।୨ଗାନ୍ଧାରୀ ପୁତ୍ରଙ୍କର ରାଜ୍ୟ ନ ଦେବେଟି ତୁମ୍ଭଙ୍କୁ ।
୧୬୯ ।୨ନରବଇ-ନରପତି

ୟେତେକ କାର୍ଯ୍ୟ ଗୋ ହୋଅଇଟି ସିନା ତୋହୋର
ତୁ ମହାଭିଗ୍ୟ ଗୋ ବିଚାରି କାର୍ଯ୍ୟ କର । ୧୮୧ ।
କହିଣ ବ୍ୟାସେ ଗଲେ ଶୂନ୍ୟ ଭୁବନେ
ଅନ୍ତରୀକ୍ଷ ହୋଇଣ ଚଳିଲେ ଗଗନେ । ୧୮୨-୨୩୦୭ ।

----------

୧୮୧ ।୨ତୁ ମହାଦେବୀ ଗୋ ବିଚାର କାର୍ଯ୍ୟ କର ।
୧୯୨ କହିଣ ବ୍ୟାସେ ଯେ ଗଲେ ଅନ୍ତର୍ଦ୍ଧାନେ ।
ଅମରାଧି ପରେ ପ୍ରବେଶ ମହାଶୂନ୍ୟେ ।

******************